# ଅମୃତ

ଅମୃତ

ତୋତେ ମୁଁ କେତେ ଖୋଜିଲିଣି

ଆମ ଘରର ବାରିଆଡେ, ଗାଁ ଶିବ ମନ୍ଦିର ପାଖେ, ନୂଆ ନଈ ର ନଦୀପଠାରେ

"ବନ୍ଦେ ଉତ୍କଳ ଜନନୀ" ଜନକଙ୍କ ଜନ୍ମସ୍ଥାନରେ,

ମନ୍ଦିରମାଳିନୀ ଭୁବନେଶ୍ୱରରେ, ମହାନଗରୀ ମୁମ୍ବାଇରେ,

ପ୍ୟାରିସର ସ୍ମିତହାସ୍ୟ "ମୋନାଲିସା" ଛବି ପାଖେ,

ଶେଷରେ ବିଶ୍ୱର ସବୁଠୁ ଉନ୍ନତ ଆଉ ଧନୀମାନ ରାଷ୍ଟ୍ରଟିରେ,

କାହିଁ  କେଉଁଠି ବି  ପାଉନି ତୋ ଦେଖା, ଛୁଆଁ ,

ଅନୁଭବ ବି କରିପାରୁନି ତୋ ଅସ୍ତିତ୍ୱ ।

ଯେତେ ମୁଁ ଦୂରେଇ ଯାଉଛି ମୋ ଏନ୍ତୁଡିଶାଳ ରୁ ,

ସେତେ ତୁ ଦୂରେଇ ଯାଉଛୁ...

ଯେମିତି ଅଭିମାନ କରି, ଆକ୍ଷେପ କରି ।

ଅମୃତ

ତୋତେ ମୁଁ ଟିକେ ଟିକେ ଦେଖି ପାରୁଥିଲି

ମୋ "ଛବିଳ ବର୍ଣ୍ଣବୋଧ" ବହିର ପ୍ରଚ୍ଛଦ ବିଲେଇଟିର ଜୁଳୁ ଜୁଳୁ ଆଖିରେ,

"ମିଶୁ ମୋର ଦେହ ..." ର ପ୍ରତିଟି ଶବ୍ଦରେ,

କେବେ କେମିତି ତୋ ଦେଖା ମିଳିଯାଏ

"ଶ୍ରୀ ରାଧା" ରେ, "ଅମୃତ ଫଳ", "ଯାଜ୍ଞସେନୀ" କିମ୍ବା "ତନ୍ମୟ ଧୂଳି" ରେ

କାହିଁ

କେବେ ବି ତୋତେ ଦେଖି ନାହିଁ

Jerry March "ଜୈବିକ ରସାୟନ ବିଜ୍ଞାନ" କି

Atkins "ଭୌତିକ ରସାୟନ ବିଜ୍ଞାନ" ରେ;

ଯେମିତି ଲାଗେ

ମୁଁ ନିଜକୁ ଯେତିକି ଅଧିକ ଶିକ୍ଷିତ ଭାବୁଛି,

ତୁ ସେତିକି ପର ହୋଇଯାଉଛୁ ...

ରାଗିଯାଇ, ଉପହାସ୍ୟ କରି ।

ଅମୃତ

ମୁଁ ଜାଣେ ତୋତେ ଫେରିପାଇବା

ଆଉ ଏତେ ସହଜ ନୁହେଁ

ଆଉ ଥରେ ଜନ୍ମ ନେବାକୁ ହେବ, ଶୈଶବ କୁ ଫେରିବାକୁ ପଡିବ,

ଗାଁ ରଜଦୋଳି, କାଶତଣ୍ଡି.... ସବୁକୁ ଆପଣେଇବାକୁ ହେବ।

ତଥାପି

ମୁଁ ନିଶ୍ଚୟ ଚେଷ୍ଟା କରିବି ଏହି ଜନ୍ମରେ

ତୋତେ ଆଉଥରେ ଖୋଜିବାକୁ

"ଅ, ଆ, ......... ହ, କ୍ଷ" ର  ଚାରି କାନ୍ଥ ଭିତରେ ।

ହିମାଂଶୁ ଶେଖର ବିଶ୍ୱାଳ

୦୪-୦୨-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା